**ଗ୍ରାମୀଣ କୃଷି ମୌସୁମୀ ସେବା**

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଓ ୍ୈଷୟିକ ଫିଶ୍ୱଫିଦୟା□ୟ

ଭୁବନେଶ୍ୱର, ଓଡ଼ିଶା

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 17-03-2026**

**କେନ୍ଦ୍ରାପଡା(ଓଡିଶା) - :2026-03-17 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2026-03-18 | 2026-03-19 | 2026-03-20 | 2026-03-21 | 2026-03-22 |
|---|---|---|---|---|---|
| ବର୍ଷା (ମିମି) | 2.0 | 4.0 | 2.0 | 6.0 | 12.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 34.0 | 33.0 | 33.0 | 32.0 | 32.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 20.0 | 19.0 | 18.0 | 18.0 | 18.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 89 | 90 | 91 | 91 | 92 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 50 | 46 | 44 | 45 | 39 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 16 | 11 | 12 | 13 | 12 |
| ପବନର ଦିଗ (ଡିଗ୍ରୀ) | 207 | 235 | 216 | 236 | 210 |
| ମେଘାଚ୍ଛନ (ଅକ୍ଟା) | 2 | 3 | 3 | 5 | 5 |
| ସତର୍କବାଣୀ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି | | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି | |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ ବିଭାଗ ର ପୂର୍ବନୁମାନ ଅନୁସାରେ, ଜିଲ୍ଲାରେ ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ପରିଷ୍କାର ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ପବନ ୧୧ – ୧୬ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୩୨ - ୩୪ °C ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୮ - ୨୦ °C ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

| |
|---|
| ଆଗାମୀ ଶନିବାର ଓ ରବିବାର ଦିନ ବିଜୁଳି ଓ ଘଡଘଡି ର ସତର୍କତା ଚେତାବନୀ ରହିଛି । |

### ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| □ ବଜ୍ରଧ୍ୱନି ଶୁଣିବା ପରେ , ସମସ୍ତ କାର୍ଯ୍ୟ ବନ୍ଦକରି ସୁରକ୍ଷିତ ସ୍ଥାନକୁ ଯାଆନ୍ତୁ । ଉଚ୍ଚ ଗଛ, ବିଦ୍ୟୁତ୍ ଖୁଣ୍ଟି କିମ୍ବା ଅସ୍ଥାୟୀ ଛପର ତଳେ ଶରଣ ନିଅନ୍ତୁ ନାହିଁ । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ । |

### ସାଧାରଣ ଉପଦେଶ:

| |
|---|
| □ ଆଗାମୀ ଦିନରେ ବର୍ଷା ର ସମ୍ଭାବନା ଥିବାରୁ ସାର ପ୍ରୟୋଗ, କୀଟନାଶକ ପ୍ରୟୋଗ ଓ ଜଳ ସେଚନକୁ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ । □ ଘଡଘଡି ବର୍ଷା ସହ ଅଧିକ ବେଗ ରେ ପବନ ବହିବାର ସମ୍ଭାବନା ଥିବାରୁ କଖାରୁ ଜାତୀୟ ପନିପରିବା ଓ ଟମାଟୋ ଗଛରେ ଢେରା ଦିଅନ୍ତୁ । □ ପନିପରିବା ଫସଲ ଓ କଦଳୀ ବଗିଚା ରୁ ଅତ୍ୟଧିକ ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ । □ ଅମଳ ଉପଯୋଗୀ ପନିପରିବା କୁ ଶୀଘ୍ର ଅମଳ କରି ନିଅନ୍ତୁ । ଅମଳ ହୋଇ ସାରିଥିବା ଫସଲ କୁ ପଲିଥିନ ଦ୍ୱାରା ଘୋଡେଇ ସୁରକ୍ଷିତ ରଖନ୍ତୁ । □ ଫସଲରେ ରୋଗ ଓ ପୋକ ର ଉପସ୍ଥିତି କୁ ନିୟମିତ ଯାଞ୍ଚ କରନ୍ତୁ । □ ବର୍ଷା ଛାଡିଯିବା ପରେ ମାଟିର ଆଦ୍ରତା କୁ ବିନିଯୋଗ କରି ଖରାଟିଆ କାକୁଡି ଓ କଖାରୁ ଜାତୀୟ ପନିପରିବା ବୁଣାବୁଣି ଆରମ୍ଭ କରନ୍ତୁ । □ ବଜ୍ରଧ୍ୱନି ଶୁଣିବା ପରେ , ସମସ୍ତ କାର୍ଯ୍ୟ ବନ୍ଦକରି ସୁରକ୍ଷିତ ସ୍ଥାନକୁ ଯାଆନ୍ତୁ । ଉଚ୍ଚ ଗଛ, ବିଦ୍ୟୁତ୍ ଖୁଣ୍ଟି କିମ୍ବା ଅସ୍ଥାୟୀ ଛପର ତଳେ ଶରଣ ନିଅନ୍ତୁ ନାହିଁ । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ । |

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| □ ଆଗାମୀ ଦିନରେ ବର୍ଷା ର ସମ୍ଭାବନା ଥିବାରୁ ସାର ପ୍ରୟୋଗ, କୀଟନାଶକ ପ୍ରୟୋଗ ଓ ଜଳ ସେଚନକୁ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ । |

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | □ ଜୀବାଣୁଜନିତ ପତ୍ରପୋଡା ରୋଗ- ଜୀବାଣୁଜନିତ ପତ୍ରପୋଡା ରୋଗ ଦେଖାଦେଲେ ପ୍ରଥମେ ଆକ୍ରାନ୍ତ ଧାନ କିଆରି ରେ ପାଣି ଜମି ରହୁଥିଲେ ପାଣି କାଟି ଦିଅନ୍ତୁ । ବିଲ ରୁ ଅନାବନା ଘାସ ବାଛି ଦିଅନ୍ତୁ। ରୋଗ ଲାଗିଥିବା ସମୟ ରେ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ । ଏକର ପ୍ରତି ୬-୮ କିଲୋଗ୍ରାମ ମୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । ଏହି ରୋଗର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି ଏକର ପ୍ରତି ୬୦୦ ଗ୍ରାମ Copper Hydroxide ନାମକ ଔଷଧ କିମ୍ବା ୨୦୦ଗ୍ରାମ Plantomycin ସହିତ ୬୦୦ଗ୍ରାମ Copper Oxy Chloride ନାମକ ଔଷଧ, ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଆଖୁ | □ ସଅଳ କାଣ୍ଡ ବିନ୍ଧା ପୋକ ସଅଳ କାଣ୍ଡ ବିନ୍ଧା ପୋକ ଆକ୍ରମଣ ଅଧିକ ଦେଖା ଦେଲ ଶୁଖିଲା ପାଗ ଦେଖି ଏକର ପ୍ରତି ୬୦୦ ମିଲି Fipronil ନାମକ କୀଟନାଶକ କିମ୍ବା ୪୦୦ ମିଲି Profenophos ନାମକ କୀଟନାଶକ କିମ୍ବା ୧୫୦- ମିଲି Chlorantraniliprole ନାମକ କୀଟନାଶକ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |

### ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଇଗଣ | □ ଝାଉଂଳା ଓ ମୂଳ ସଢା ବର୍ଷା ପରେ ବାଇଗଣ ଫସଲରେ ଝାଉଂଳା ଓ ମୂଳ ସଢା ଦେଖା ଦେବାର ସମ୍ଭାବନା ଅଛି । ତେଣୁ ଶୁଖିଲା ପାଗ ଦେଖି ପ୍ରତି ଲିଟର ପାଣିରେ ୨-ଗ୍ରାମ ପ୍ଲାଣ୍ଟୋମାଇସିନ (Plantomycin) ସହିତ ୧-ମି.ଲି ଟେବୁକୋନାଜୋଲ |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | (Tebuconazole) ନାମକ ଫିମ୍ପିନାଶକ, ମିଶାଇ ଗଛ ମୂଳ ଏବଂ ମାଟି କୁ ଭଲ ଭାବରେ ଭିଜାନ୍ତୁ । |
| ପ୍ରବଳ | □ ପୋଟଳ ଗଛ ବର୍ତମାନ ଫୁଲ ଏବଂ ଫଳ ବହନ କରୁଥିବା ଅବସ୍ଥାରେ । ବର୍ତମାନ ଘାସ କୁ ବାଛନ୍ତୁ ନାହିଁ । ଘାସ ରହିଲେ ତାହା ମାଟି ର ଆର୍ଦ୍ରତା ବଜାୟ ରଖିଥାଏ ଏବଂ ପୋଟଳ ଲତା କୁ ତାହା (ଘାସ) ଉପରେ ମାଡିବା ପାଇଁ ସାହାର୍ଯ୍ୟ କରିଥାଏ, ଯାହାଦ୍ୱାରା ଫଳ ସିଧାସଳଖ ମାଟି ର ସଂସ୍ପର୍ଶ ରେ ଆସେନାହିଁ, ଯାହାକି ଫଳକୁ ସଢିବା ରୁ ରକ୍ଷା କରିଥାଏ । ଅଧିକ ତାପମାତ୍ରା ଯୋଗୁଁ ପୋଟଳ ରେ କବକ ଜନିତ ଝାଉଁଳା ହେବା ର ସମ୍ଭାବନା ଅଛି । ତେଣୁ, ଶୁଖିଲା ପାଗ ଦେଖି Carbendazim @୧.୫ ମିଲି ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । |
| ଲଙ୍କାମରିଚ | □ ଫଳ ସଢା ରୋଗ ଓ ଅଗମରା ରୋଗ ଲଙ୍କାମରିଚ ଫସଲ ରେ ବର୍ତମାନ ସମୟ ରେ ଫଳ ସଢା ରୋଗ ଓ ଅଗମରା ରୋଗ ଲାଗିବାର ସମ୍ଭାବନା ରହିଛି। ଶୁଖିଲା ପାଗ ଦେଖି ଏହାର ପରିଚାଳନା ପାଇଁ ଏକର ପ୍ରତି ୫୦୦ ଗ୍ରାମ Propineb ନାମକ ଫିମ୍ପିନାଶକ ୧୦୦ ମିଲି Difenoconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Azoxystrobin ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପିନାଶକ କୁ ଫୁଲକଢ ଆସିବା ପୂର୍ବରୁ ଥରେ ଓ ଫଳ ଆସିବା ସମୟରେ ଥରେ ଅନୁମୋଦିତ ମାତ୍ରାରେ ସିଂଚନ କରନ୍ତୁ । |
| ଲଙ୍କା | □ ଫଳ ସଢା ରୋଗ ଓ ଅଗମରା ରୋଗ ଲଙ୍କାମରିଚ ଫସଲ ରେ ବର୍ତମାନ ସମୟ ରେ ଫଳ ସଢା ରୋଗ ଓ ଅଗମରା ରୋଗ ଲାଗିବାର ସମ୍ଭାବନା ରହିଛି। ଶୁଖିଲା ପାଗ ଦେଖି ଏହାର ପରିଚାଳନା ପାଇଁ ଏକର ପ୍ରତି ୫୦୦ ଗ୍ରାମ Propineb ନାମକ ଫିମ୍ପିନାଶକ ୧୦୦ ମିଲି Difenoconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Azoxystrobin ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପିନାଶକ କୁ ଫୁଲକଢ ଆସିବା ପୂର୍ବରୁ ଥରେ ଓ ଫଳ ଆସିବା ସମୟରେ ଥରେ ଅନୁମୋଦିତ ମାତ୍ରାରେ ସିଂଚନ କରନ୍ତୁ । |
| ତରବୁଜ | □ ତରଭୁଜ ଫସଲରେ ପତ୍ରଉକୁଣି ପୋକର ପରିଚାଳନା ପାଇଁ ଏକର ପ୍ରତି ୮ଟି ନୀଳ ଅଠାଳିଆ ଯନ୍ତା ବ୍ୟବହାର କରନ୍ତୁ । ଶୁଖିଲା ପାଗ ଦେଖି ଏକର ପ୍ରତି ୪୦ଗ୍ରାମ Thiamethoxamନାମକ କୀଟନାଶକ କିମ୍ବା ୩୦୦ମିଲି Lambda cyhalothrinନାମକକୀଟନାଶକ କିମ୍ବା ୨୦୦ଗ୍ରାମ Difenthiuron ନାମକ କୀଟନାଶକ କିମ୍ବା ୪୦୦ମିଲି Fipronil ନାମକ କୀଟନାଶକ , ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ଆମ୍ବ | □ ଆମ୍ବ ବଗିଚାରେ ଫଳ ଝଡ଼ିବାକୁ ନିୟନ୍ତ୍ରଣ କରିବା ପାଇଁ' ଶୁଖିଲା ପାଗ ଦେଖି ୨ ମିଲି ପ୍ଲାନୋଫିକ୍ସ ୨୦ ପିପିଏମ୍ କୁ ୪.୫ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ଫିମ୍ପୀ ଜାତୀୟ ବା କବକ ଜନିତ ରୋଗର ନିୟନ୍ତ୍ରଣ ପାଇଁ ୫ ମିଲିଗ୍ରାମ କାରାଥେନ କୁ ୧୦ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ । |

### କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଚିଚକ | □ ବସନ୍ତ ରୋଗ ବସନ୍ତ ରୋଗ ପର୍ଯ୍ୟାୟ ଟୀକାକରଣ ଏବଂ ଘର ଓ ପରବେଶ ସଫା ସୁତୁରା ରଖିବା ଦ୍ୱାରା ରୋକାଯାଇପାରିବ । କ୍ଷତ ଓ କୀଟ ମାନଙ୍କ କାମୁଡା ଦ୍ୱାରା ଏହି ରୋଗ ଗୋଟେ ପକ୍ଷୀ ରୁ ଅନ୍ୟଟି କୁ ବ୍ୟାପିଥାଏ । ଏହି ରୋଗ କାରଣ ରୁ ୫୦ ପ୍ରତିଶତ ଲେଖାଏଁ ଚିଆଁ ମାନେ ମୃତ୍ୟୁ ବରଣ କରିଥାନ୍ତି । ଏହି ରୋଗ କାରଣ ରୁ ଓଜନ ବୃଦ୍ଧି ହାର କମିବା ସହିତ ଅଣ୍ଡା ଦେବା ମାତ୍ରା ମଧ ହ୍ରାସ ପାଇଥାଏ । ତେଣୁ ଆପଣଙ୍କର ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଙ୍କ ସହିତ ପରାମର୍ଶ କରିବା ପରେ ୬ ସପ୍ତାହ ରୁ ୧୬ ସପ୍ତାହ ବୟସରେ କୁକୁଡ଼ା ଓ ବତକଙ୍କୁ ଟୀକା ଦିଅନ୍ତୁ । ଆକ୍ରାନ୍ତିତ କୁକୁଡା ଓ ବତକଙ୍କ ମୁଣ୍ଡ, ବେକ ଓ ଦେହ ରେ ଫଟକା ଦେଖାଯାଏ । ଏ ଲକ୍ଷଣ ଦେଖା ଦେଲେ ଆକ୍ରାନ୍ତିତ ପ୍ରାଣୀଙ୍କୁ ଅଲଗା ରଖନ୍ତୁ, ସ୍ଥାନୀୟ ପ୍ରାଣୀଚିକିତ୍ସକ ଙ୍କ ସହିତ ପରାମର୍ଶ କରି ତୁରନ୍ତ ଚିକିତ୍ସା ଆରମ୍ଭ କରିଦିଅନ୍ତୁ । |

### ଆବହାଵିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| ନାହିଁ |

**ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):**

| |
|---|
| ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**